ମେଟ୍ରୋ ଧରିତ୍ରୀ

## ଆଇବିସିଏସ୍‌ରେ କନ୍‌ଭରଜେନ୍ସ-୧୦

# ରେହାନ୍ ଖାନ୍, ଆମ୍ବିଲି ମେନନ୍ ନାଇଟ୍ ଆଜି

ଭୁବନେଶ୍ୱର,(ବ୍ୟୁରୋ)-ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଣ୍ଡ୍ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ବାର୍ଷିକୋତ୍ସବ କନ୍‌ଭରଜେନ୍ସ-୧୦ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଲେ, ନିବେଶ ଆକୃଷ୍ଟ କ୍ଷେତ୍ରରେ ରାଜ୍ୟ ଦେଶରେ ଗୁଜରାଟ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି । ସରକାର କମ୍ପାନୀମାନଙ୍କ ନିମନ୍ତେ ନିବେଶ ପରିବେଶ ସୃଷ୍ଟି କରାଉଛନ୍ତି । ଖଣିଜ ସମ୍ପଦରେ ଭରପୂର ଓଡିଶାରେ ୨୫ ଭାଗ ଆଇରନ୍ ଏବଂ ୨୮ଭାଗ କୋଇଲା ଗଚ୍ଛିତ ରହିଛି । ସାମ୍ପ୍ରତିକ ବିଶ୍ୱରେ ଗନ୍ତବ୍ୟ ସ୍ଥଳ ଏବଂ ନିଯୁକ୍ତି ଆଉ ସମସ୍ୟା ହୋଇନାହିଁ । ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ବଢିଯାଇଛି । ଏ ସବୁକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ ରଖିବାକୁ ହେବ । ଏହାଛଡା ଭବିଷ୍ୟତର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଆଇବିଏମ୍‌ର କଣ୍ଟ୍ରି ହେଡ୍ ବି.ଏସ୍. ଗଣେଶ, ଏକାମ୍ର ବିଧାୟକ ଅଶୋକ ପଣ୍ଡା, ଭାଇସ୍ ଚାନ୍‌ସେଲର ଏମ୍.ପି. ଜୈନ, ଡିନ୍ ଶୁଭାଶିଷ ଦାସ ଏବଂ କନ୍‌ଭେନର ଆର୍.ସି. ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଂଗୀତ ଏବଂ ଫ୍ୟାଶନ୍ ଶୋ ଅନୁଷ୍ଠିତ ହୋଇଯାଇଛି । ଶନିବାର କନ୍‌ଭରଜେନ୍ସ-୧୦ର ଦ୍ୱିତୀୟ ସନ୍ଧ୍ୟାରେ ଫେମ୍ ଗୁରୁକୁଳର ବିଜେତା ରେହାନ୍ ଖାନ୍ ଏବଂ ସନସିଲ୍କ ଗ୍ୟାଙ୍ଗ ଅଫ୍ ଗର୍ଲସର ବିଜେତା ଆମ୍ବିଲି ମେନନ୍ ନାଇଟ୍ କାର୍ଯ୍ୟକ୍ରମ ରହିଛି ।



ଧରିତ୍ରୀ

ଆଇବିସିଏସ୍ କନଭରଜେନ୍ସ- ୨୦୧୦କୁ ଅନ୍ୟଅତିଥିଙ୍କ ଗହଣରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି ।